## ସଂକ୍ଷେପରେ

### ନଦୀରେ ବୁଡ଼ି ନାବାଳକ ମୃତ

ନନ୍ଦାହାଣ୍ଡି, ୧୯।୪- ନନ୍ଦାହାଣ୍ଡି ବ୍ଲକ ଉସୁରିପଦର ଗାଁ ଦେଇ ପ୍ରବାହିତ ହେଉଥିବା ଇନ୍ଦ୍ରାବତୀ ନଦୀରେ ବୁଡ଼ି ଜଣେ ନାବାଳକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଉସୁରିପଦର ଗ୍ରାମର ଜନେଶ ଓନକାଙ୍କ ପୁଅ ଉମେଶ(୧୪)। ସୂଚନା ଅନୁଯାୟୀ, ଉମେଶ ସବୁଦିନ ଭଳି ସୋମବାର ମଧ ଗାଧୋଇବାକୁ ନଦୀକୁ ଯାଇଥିଲେ। ହଠାତ୍ ସେ ଗଭୀରକୁ ପଳାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରିବାକୁ ଚେଷ୍ଟାକରି ବିଫଳ ହୋଇ ଅଗ୍ନିଶମ ବାହିନୀକୁ ଜଣାଇଥିଲେ। ଅଗ୍ନିଶମ ବିଭାଗର କର୍ମଚାରୀ ଉମେଶଙ୍କୁ ଉଦ୍ଧାରକରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଡାକ୍ତର ବିକାଶ କୁମାର ବାରିକ ତାଙ୍କୁ ମୃତ ଘୋଷଣା କରିବା ସହ ଇନ୍ଦ୍ରାବତୀ ଥାନାରେ ଜଣାଇଥିଲେ। ମୃତଦେହକୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ ପାଇଁ ଭର୍ତ୍ତି କରାଯାଇଛି। ୨/୨୧ରେ ପୋଲିସ ଅପମୃତ୍ୟୁ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି।

### ସ୍କୁଟି-ବାଇକ୍ ମୁହାଁମୁହିଁ, ଜଣେ ଗୁରୁତର

ଟିକିରି,୧୯।୪(ଡି.ଏନ୍.ଏ.)- ରାୟଗଡ଼ା ଜିଲା କାଶୀପୁର ବ୍ଲକ୍ ଦୋରାଗୁଡ଼ା ଥାନା ଅଧୀନ କମ୍ପର ଛକରେ ସୋମବାର ଏକ ସ୍କୁଟି ଏବଂ ବାଇକ୍ ମଧ୍ୟରେ ଦୁର୍ଘଟଣା ଘଟି ଜଣେ ଗୁରୁତର ଏବଂ ଅନ୍ୟ ୨ ଜଣ ଆହତ ହୋଇଛନ୍ତି। ଗୁରୁତର ବ୍ୟକ୍ତି ହେଲେ ନିରଞ୍ଜନ ବରାଳ ଏବଂ ଦୁଇ ଆହତ ହେଲେ ମୁନା ନାୟକ ଏବଂ ପ୍ରସାଦ ନାୟକ। ଘଟଣାରୁ ପ୍ରକାଶ, ଉତ୍କଳ ଆଲୁମିନା କ୍ୟାଣ୍ଟିନରେ କାମ କରୁଥିବା ନିରଞ୍ଜନ ଏବଂ ମୁନା ସ୍କୁଟି(ଓଡି ୧୮ ଜି ୪୮୨୫) ଯୋଗେ ଯିବା ସମୟରେ ବିପରୀତ ଦିଗରୁ ବାଇକ୍ (ଓଡି ୧୮ ଏଚ୍ ୫୪୫୬)ରେ ଆସୁଥିବା ଉତ୍କଳ ଆଲୁମିନା ମେଣ୍ଟେନାନ୍ସ ବିଭାଗରେ କାମ କରୁଥିବା ଅମରସିଂଗୁଡ଼ାର ପ୍ରସାଦ ସ୍କୁଟିକୁ ଧକ୍କା ଦେଇଥିଲେ। ଏଥିରେ ଦୁଇ ସ୍କୁଟି ଆରୋହୀ ଏବଂ ବାଇକ୍ ଚାଳକଙ୍କୁ ଆଘାତ ଲାଗିଥିଲା। ସ୍ଥାନୀୟ ଲୋକେ ନିରଞ୍ଜନ ଏବଂ ମୁନାଙ୍କୁ ଉଦ୍ଧାର କରି ପୋଲିସକୁ ଖବର ଦେଇଥିଲେ। ଦୋରାଗୁଡ଼ା ଥାନାଧିକାରୀ କୃଷ୍ଣଚନ୍ଦ୍ର ଭତ୍ରା ପହଞ୍ଚି ଦୁହିଁଙ୍କୁ ଉଦ୍ଧାର କରି ଉକ୍ଷାପଡ଼ାସ୍ଥିତ ଉତ୍କଳ ଆଲୁମିନା କମ୍ପାନୀ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ତେବେ ନିରଞ୍ଜନଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ବିଶାଖାପାଟଣା ସ୍ଥାନାନ୍ତର କରାଯାଇଛି। ସେହିପରି ପ୍ରସାଦ ଏବଂ ମୁନା କମ୍ପାନୀ ହସ୍ପିଟାଲରେ ଚିକିତ୍ସିତ ଥିବା ଜଣାପଡ଼ିଛି।

### ବାଇକ୍-ଟ୍ରକ୍ ମୁହାଁମୁହିଁ, ୨ ଗୁରୁତର

ଚିତ୍ରକୋଣ୍ଡା,୧୯।୪(ଡି.ଏନ୍.ଏ.)-ଚିତ୍ରକୋଣ୍ଡା ଡ୍ୟାମ୍ ନିକଟରେ ସୋମବାର ଏକ ବାଇକ୍ ଏବଂ ଟ୍ରକ୍ ମଧ୍ୟରେ ଦୁର୍ଘଟଣା ଘଟି ୨ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଗଜପତି ଜିଲା ଗାରବନ୍ଧ ଅଞ୍ଚଳର ଜଗଦୀଶ ବେହେରା(୨୯) ଏବଂ ସାନ କୋଡୁରୁ ଗ୍ରାମର ଟି. ମୋହନ( ୨୮)। ପୂର୍ବାହ୍ନରେ ଚିତ୍ରକୋଣ୍ଡା ଦିଗରୁ ଆସୁଥିବା ଏକ ମାଲ୍‌ବାହୀ ଟ୍ରକ୍ ଏବଂ ବାଲିମେଳାରୁ ଚିତ୍ରକୋଣ୍ଡା ଅଭିମୁଖେ ଯାଉଥିବା ବାଇକ୍ ମଧ୍ୟରେ ସ୍ୱିଲବାଇ ଜଗନ୍ନାଥ ମନ୍ଦିର ଛକଠାରେ ଧକ୍କା ହୋଇଥିଲା। ଏଥିରେ ଜଗଦୀଶ ଏବଂ ମୋହନ ଗୁରୁତର ହୋଇଥିଲେ। ରାସ୍ତାରେ ଯାଉଥିବା କେତେଜଣ ଅଟୋ ଚାଳକ ଉଭୟଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଚିତ୍ରକୋଣ୍ଡା ମେଡିକାଲକୁ ପଠାଇଥିଲେ। ତେବେ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଦୁହିଁଙ୍କୁ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଦୁଇ ଗୁରୁତର ଯୁବକ ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳରେ ଚାଲିଥିବା ଠିକା ସଂସ୍ଥାରେ କାମ କରୁଥିଲେ। ତେବେ ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ, ବାଇକ୍‌ର ସମ୍ମୁଖ ଭାଗ ସମ୍ପୂର୍ଣ୍ଣ ନଷ୍ଟ ହୋଇଥିଲା। ତେବେ ଉଭୟ ବାଇକ୍ ଆରୋହୀ ହେଲ୍‌ମେଟ ପିନ୍ଧିଥିବାରୁ ମୁଣ୍ଡରେ କୌଣସି ଆଘାତ ଲାଗିନାହିଁ। ଖବର ପାଇ ଚିତ୍ରକୋଣ୍ଡା ପୋଲିସ ଟ୍ରକ୍‌ଟିକୁ ଜବତ କରି ଘଟଣାର ତଦନ୍ତ ଚଳାଇଥିବା ଜଣାପଡ଼ିଛି।

# ଅମାନିଆଙ୍କୁ ସାବାଡ଼ କରି ଗଳାବାଟ ଜଗ

ନବରଙ୍ଗପୁର,୧୯।୪(ବି.ପ୍ର.)

କରୋନା ସଂକ୍ରମଣ ଦିନକୁ ଦିନ ବଢୁଛି। ସୋମବାର ସୁଦ୍ଧା ନବରଙ୍ଗପୁର ଜିଲାରେ ୯୭୧ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଚଳିତ ମାସରେ ସଂକ୍ରମିତଙ୍କ ସଂଖ୍ୟା ବଢିଛି। ପ୍ରଶାସନ ଲୋକଙ୍କୁ ସଚେତନ କରିବା ସହ ନାଇଟ୍ କର୍ଫ୍ୟୁ (ସନ୍ଧ୍ୟା ୬ରୁ ସକାଳ ୫ ପର୍ଯ୍ୟନ୍ତ) କରୁଛି। ତଥାପି ମଧ ସଂକ୍ରମଣକୁ ରୋକାଯାଇ ପାରୁନି। ଅନ୍ୟପକ୍ଷେ ନବରଙ୍ଗପୁର ଓ ବନ୍ଦ ରହିଥିଲେ ମଧ ଗଳାବାଟ ଦେଖି ଲୋକେ ଯା ଆସ କରୁଛନ୍ତି। ସେମାବାର ୧୨୭ଜଣ ସଂକ୍ରମିତ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ସେମାନଙ୍କ ମଧ୍ୟରେ ଉମରକୋଟ ବ୍ଲକ ଓ ପୌରାଞ୍ଚଳରେ ୩୫, ନବରଙ୍ଗପୁର ପୌରାଞ୍ଚଳ ଓ ବ୍ଲକରେ ୬, ଝରିଗାଁରେ ୧୨, ରାଇଘରରେ୨୭, ଚନ୍ଦାହାଣ୍ଡିରେ ୨୯, ପାପଡାହାଣ୍ଡି ୪, କୋଷାଗୁମୁଡା ୧୧, ଡାବୁଗାଁ, ନନ୍ଦାହାଣ୍ଡି ଓ ତେନ୍ତୁଳିଖୁଣ୍ଟି ବ୍ଲକରୁ ଜଣେ



ଉମରକୋଟ ପୌରାଞ୍ଚଳରେ ଶନିବାର ଓ ରବିବାର ଶଟ୍‌ଡାଉନ କରାଯାଉଛି। କିନ୍ତୁ ଗ୍ରାମାଞ୍ଚଳରେ ଶଟ୍‌ଟାଉନ୍ କରାଯାଇନି। ତେଣୁ ସେଠାରୁ ମଧ ସଂକ୍ରମିତଙ୍କ ସଂଖ୍ୟା ବଢୁଛି। ଜିଲାର ଉମରକୋଟ,ଚନ୍ଦାହାଣ୍ଡି, ରାଇଘର ଓ କୋଷାଗୁମୁଡା ବ୍ଲକ ଛତିଶଗଡକୁ ଲାଗି ରହିଛି। ଏବେ ସେଠାରେ ବସ୍ ଚଳାଚ ଲେଖାଏ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ୧୫ ଦିନ ମଧ୍ୟରେ ସୀମାନ୍ତ ଝରିଗାଁ ବ୍ଲକରେ ୧୬୪, ଉମରକୋଟ ବ୍ଲକ ଓ ପୌରାଞ୍ଚଳରେ ୧୮୧, ରାଇଘରରେ ୨୫୧ ଓ ଚନ୍ଦାହାଣ୍ଡି ବ୍ଲକରେ ୨୬୯ ଜଣ ଆକ୍ରାନ୍ତ ହୋଇଥିବା ଜଣାପଡିଛି। ଶଟ୍‌ଡାଉନ୍ ଶନିବାର ଓ ରବିବାର ରହୁଥିବାରୁ ଶୁକ୍ରବାର ଏବଂ ସୋମବାର ଦୋକାନ ବଜାରରେ ଲୋକଙ୍କ ଭିଡ଼ ଲାଗୁଛି। ତେଣୁ ଲଗାତାର ଦୁଇ ଦିନ ପରିବର୍ତ୍ତେ ଗୋଟିଏ ଦିନ କିମ୍ବା ଦୁଇ ଦିନ ବ୍ୟବଧାନ ରଖି ସପ୍ତାହର ଅନ୍ୟ ଦୁଇ ଦିନ ଶଟ୍‌ଡାଉନ୍ କଲେ ଭଲ ହୁଅନ୍ତା ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି।



“ବର୍ତ୍ତମାନ ରାଜ୍ୟ ସରକାର ଯେଉଁ ରାତ୍ରୀ କାଳୀନ କର୍ଫ୍ୟୁ ଓ ସପ୍ତାହନ୍ତ ଶଟ୍‌ଡାଉନ କରିବା ପାଇଁ ପଦକ୍ଷେପ ନେଇଛନ୍ତି ତହା ସ୍ୱାଗତଯୋଗ୍ୟ। ଉମରକୋଟ ସହରକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାରେ ପୋଲିସ ମୁତୟନ ହେଉଛନ୍ତି ତେବେ ଅନେକ ଗଳାବାଟ ରହିଛି। ସେ ସବୁରେ ଯାତାୟତକୁ ରୋକାଯାଇପାରିଲେ ସଂକ୍ରମଣକୁ କିଛିମାତ୍ରାରେ ରୋକାଯାଇ ପାରିବ।

**-ଲାଇବାନ ଭକ୍ତ,ଉମରକୋଟ ପଞ୍ଚାୟତ ସମିତି ଅଧ୍ୟକ୍ଷ**



“କପେନା ଗ୍ରାମ ଓଡିଶା ଓ ଛତିଶଗଡ ସୀମାନ୍ତରେ। ଆମ ଗାଁକୁ ପ୍ରଶାସନ ଦ୍ୱାରା ସିଲ ମଧ କରାଯାଇଛି। କିନ୍ତୁ କିଛି ଅମାନିଆ ଓ ଅସାଧୁ ବ୍ୟବସାୟୀ ଜୋରଜବରଦସ୍ତି ଏହି ରାସ୍ତାରେ ଯାତାୟତ କରୁଛନ୍ତି। ସହରାଞ୍ଚଳ ଭଳି ଗ୍ରାମାଞ୍ଚଳରେ ଯଦି କରୋନା ନିୟମକୁ କଡାକଡି କରି ସାପ୍ତାହନ୍ତ ଶଟ୍‌ଡାଉନ କରାଯାଉ

**-ପୁରୁଷୋତମ ଗଣ୍ଡ, କପେନା ସରପଞ୍ଚ**



“କରୋନା ଏବେ ଗ୍ରାମାଞ୍ଚଳରେ ମଧ ବ୍ୟାପିବାରେ ଲାଗିଲାଣି। ଏଣୁ ଲୋକଙ୍କୁ ଆହୁରି ସଚେତନ କରାଇବା ସହ ସାପ୍ତାହିକ ଶଟ୍‌ଡାଉନର ଆବଶ୍ୟକତା ରହିଛି। କରୋନା ମୁକାବିଲା ନେଇ ପ୍ରଶାସନ ପକ୍ଷରୁ ବେଳ ଥାଉଣୁ ପଦକ୍ଷେପ ନେବା ଆବଶ୍ୟକ ରହିଛି।

**-ବଂଶୀଧର ଭୂୟାଁ, ବିଜ୍ଞାନ ଶିକ୍ଷକ, ଧୋଡ୍ରା ହାଇସ୍କୁଲ**



“ଶଟଡାଉନ୍ ଆବଶ୍ୟକତା ରହିଥିବା ବେଳେ ବ୍ଲକସ୍ତରରେ କୋଭିଡ୍ କେୟାର ସେଣ୍ଟର ଖୋଲାଯାଇ ତୁରନ୍ତ କାର୍ଯ୍ୟକାରିତା କଲେ ଭଲ ହୁଅନ୍ତା।

**-ପ୍ରୀୟ ରଞ୍ଜନ ଦାସ, ଏମ୍‌ପିଙ୍କ ଝରିଗାଁ ବ୍ଲକ ପ୍ରତିନିଧି**

# ପ୍ରେମୀ ଯୁଗଳଙ୍କ ଆତ୍ମହତ୍ୟା

ଉମରକୋଟ, ୧୯।୪(ସ୍ୱ.ପ୍ର.)

**୧୦ ଦିନ ପରେ ହୋଇଥାନ୍ତା ଯୁବତୀଙ୍କ ବିବାହ**

ଭଲ ପାଉଥିଲେ, ଏକାଠି ଜୀବନ ବିତାଇବାକୁ ପରସ୍ପରକୁ କଥା ଦେଇଥିଲେ। କିନ୍ତୁ ଡରରେ ପରିବାର ଲୋକଙ୍କୁ ଜଣାଇପାରିଲେ ନାହିଁ ନିଜ ସମ୍ପର୍କ। ଏଣେ ପ୍ରେମିକାଙ୍କ ବାହାଘର ଅନ୍ୟତ୍ର ଠିକ୍ ହୋଇଥିଲା। ଏକାଠି ବଞ୍ଚିବା ତ ସମ୍ଭବ ହେଲାନି, କିନ୍ତୁ ସାଙ୍ଗ ହୋଇ ମରିବାକୁ ନିଷ୍ପତ୍ତି ନେଇ ସୋମବାର ଆତ୍ମହତ୍ୟା କରିଦେଲେ ପ୍ରେମୀ ଯୁଗଳ। ମୃତକ ହେଲେ ମୃର୍ତ୍ତୁମା ପଞ୍ଚାୟତ ସଦର ଗାଁର ସସ୍ମିତା ମାଝି (୨୦) ଓ ବଡ଼କୁମାରୀ ପଞ୍ଚାୟତ ସାନକୁମାରୀ ଗ୍ରାମର ଯୁଧିଷ୍ଠିର ଗଣ୍ଡ(୨୫)।

ପ୍ରକାଶ ଯେ, ସସ୍ମିତା ଓ ଯୁଧିଷ୍ଠିର ପରସ୍ପରକୁ ଭଲ ପାଉଥିଲେ। ପରିବାର ଲୋକଙ୍କୁ କିନ୍ତୁ ନିଜ ସମ୍ପର୍କ ବିଷୟରେ ଜଣାଇପାରି ନ ଥିଲେ। ଏହା ମଧ୍ୟରେ ସସ୍ମିତାଙ୍କ ବିବାହ ଉମରକୋଟ ବ୍ଲକ ସୁକିଗାଁ ପଞ୍ଚାୟତ ଡାବ୍ରୀଗୁଡା ଗ୍ରାମରେ ସ୍ଥିର ହୋଇଥିଲା। ଆଉ ୧୦ ଦିନ ପରେ ହୋଇଥାନ୍ତା ବାହାଘର। ଏହା ମଧ୍ୟରେ ଆତ୍ମହତ୍ୟା କରିବାକୁ ନିଷ୍ପତ୍ତି ନେଇ ସାରିଥିଲେ ପ୍ରେମୀଯୁଗଳ। ସୋମବାର ସକାଳୁ ସେମାନଙ୍କ ଝୁଲନ୍ତା ମୃତଦେହ ମୃର୍ତ୍ତୁମା ଗାଁରେ ଥିବା ପୋଖରୀ ନିକଟ ଗଛରୁ ମିଳିଥିଲା। ଗ୍ରାମବାସୀ ମୃତଦେହ ଦେଖି ସସ୍ମିତାଙ୍କ ପରିବାର ଓ ଉମରକୋଟ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଯୁବକଙ୍କ ପରିଚୟ ଖୋଜି ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲା। ଗଛ ନିକଟରୁ ପୋଲିସକୁ ୩ଟି କୀଟନାଶକ ବୋତଲ, ଚପଲ ଏବଂ ସାଇକେଲ ମିଳିଥିଲା। ପୋଲିସ ତହସିଲଦାର ହିମାଞ୍ଚଳ ମାଝିଙ୍କ ଉପସ୍ଥିତିରେ ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ବ୍ୟବଚ୍ଛେଦ ପରେ ମୃତଦେହ ଦୁଇଟିକୁ ସେମାନଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି।

# ଫୌଜଦାରି ଆଇନର ବିଶେଷତ୍ୱ ନେଇ ଆଲୋଚନା

ରାୟଗଡ଼ା ଅଫିସ,୧୯।୪

**ଡିଏଲ୍ଏସ୍ଏର ଆଇନ ସଚେତନତା କାର୍ଯ୍ୟକ୍ରମ**



ଅନ୍‌ଲାଇନ ଆଲୋଚନାରେ ଉପସ୍ଥିତ ଡିଏଲ୍ଏସ୍ଏ ଅଧ୍ୟକ୍ଷ, ଅତିରିକ୍ତ ଜିଲା ଦୌରାଜଜ୍ ଓ ଅନ୍ୟମାନେ।

ରାୟଗଡ଼ା ଜିଲା ଆଇନ ସେବା ପ୍ରାଧିକରଣ(ଡିଏଲ୍ଏସ୍ଏ) ପକ୍ଷରୁ ସୋମବାର ଫୌଜଦାରି ଆଇନ ବ୍ୟବସ୍ଥା ବିଷୟରେ ଅନ୍‌ଲାଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ଦୌରା ଜଜ୍ ତଥା ଡିଏଲ୍ଏସ୍ଏର ଅଧ୍ୟକ୍ଷ ମଳୟ ରଞ୍ଜନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ଯ୍ୟକ୍ରମରେ ଅତିଥିଭାବେ ପରିବାର ଅଦାଲତର ଜଜ୍ ଆଶିଷ କୁମାର ତ୍ରିପାଠୀ, ସ୍ଥାୟୀ ଲୋକ ଅଦାଲତର ଅଧ୍ୟକ୍ଷ ହିମାଂଶୁ ଶେଖର ବ୍ରହ୍ମା, ଅତିରିକ୍ତ ଜିଲା ଓ ଦୌରା ଜଜ୍ ଚିତ୍ତରଞ୍ଜନ ପାତ୍ର, ରେଜିଷ୍ଟ୍ରାର ପ୍ରତିମା ପାତ୍ର, ଡିଏଲ୍ଏସ୍ଏର ସମ୍ପାଦକ ମନୋରଞ୍ଜନ ମିଶ୍ର, ବରିଷ୍ଠ ଦେୱାନୀ ଜଜ୍ ସୁଶାନ୍ତ କୁମାର ମିଶ୍ର, ଅନୁ ବିଭାଗୀୟ ଦଣ୍ଡାଧିକାରୀ ରାଜେନ୍ଦ୍ର ପ୍ରସାଦ ଦାସ, ପ୍ରଥମ ଶ୍ରେଣୀ ବିଚାରପତି ଗୁରୁ ଚରଣ ଜେନାମଣି ଏବଂ ଶୋଭନ କୁମାର ପଣ୍ଡା, ଗ୍ରାମ୍ୟ ନ୍ୟାୟାଳୟର ନ୍ୟାୟାଧିକାରୀ ସୁବାସିନୀ ବେହେରାଙ୍କ ସମେତ ପ୍ୟାନେଲ ଓକିଲ, ଷ୍ଟୁଡେଣ୍ଟ ଲିଗାଲ୍ ଲିଟେରାସି କ୍ଲବ୍‌ର ଛାତ୍ରୀଛାତ୍ର ଓ ପାରା ଲିଗାଲ୍ ଭଲ୍ୟୁଣ୍ଟିୟର୍ସ ଉପସ୍ଥିତ ଥିଲେ। ଅତିଥିମାନେ ଭାରତୀୟ ଆଇନ ବ୍ୟବସ୍ଥାରେ ଫୌଜଦାରୀ ଆଇନର ବିଶେଷତ୍ୱ ବିଷୟରେ ଆଲୋଚନା କରିଥିଲେ। ଏହାଦ୍ୱାରା ଲୋକଙ୍କୁ ନ୍ୟାୟ ମିଳିବା ସହ ଦୋଷୀ ନିର୍ଦ୍ଦୋଷରେ ଖସିପାରିବେ ନାହିଁ ବୋଲି କହିଥିଲେ। ଆୟୋଜିତ ଖୋଲା ଆଲୋଚନା କାର୍ଯ୍ୟକ୍ରମରେ ଅତିଥିମାନେ ଉପସ୍ଥିତ ରହି ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ।

# ଅନିର୍ଦ୍ଦିଷ୍ଟ କାଳ ଧାରଣାରେ ଶିକ୍ଷୟିତ୍ରୀ ଶିକ୍ଷକ

ନବରଙ୍ଗପୁର, ୧୯।୪(ବି.ପ୍ର.)

- ୬ବର୍ଷ ପରେ ମଧ କରାଯାଉନି ନିୟମିତ
- ଡିଇଓ ଅଫିସ ଆଗରେ ଧାରଣା



ଡିଇଓ ଅଫିସ ଆଗରେ ଧାରଣା ଦେଇଥିବା ଶିକ୍ଷୟିତ୍ରୀ ଶିକ୍ଷକମାନେ।

ଚାକିରୀ ନିୟମିତ କରିବା ଦାବିରେ ସୋମବାର ୩୦ରୁ ଊର୍ଦ୍ଧ୍ୱ ଶିକ୍ଷୟିତ୍ରୀ ଶିକ୍ଷକ ଡିଇଓ ଅଫିସ ଆଗରେ ଧାରଣା ଦେଇଛନ୍ତି। ଚାକିରୀ ସ୍ଥାୟୀ ନ କରିବା ପର୍ଯ୍ୟନ୍ତ ଧାରଣାରେ ବସିବେ ବୋଲି ସେମାନେ କହିଛନ୍ତି।

୩୨୨ଜଣ ଶିକ୍ଷୟିତ୍ରୀ ଶିକ୍ଷକ ୨୦୧୪ରୁ ନବରଙ୍ଗପୁର ଜିଲାର ବିଭିନ୍ନ ସ୍କୁଲରେ ଶିକ୍ଷା ସହାୟକ ଭାବେ କାର୍ଯ୍ୟ କରି ଆସୁଛନ୍ତି। ୬ବର୍ଷ ପରେ ଚାକିରୀ ନିୟମିତ କରିବାର ସରକାରଙ୍କ ନିର୍ଦ୍ଦେଶ ରହିଛି। କିନ୍ତୁ ଏଠାରେ ଏହାର ବ୍ୟତିକ୍ରମ ଦେଖାଦେଇଛି। ଚାକିରୀକୁ ୭ବର୍ଷ ପାଖାପାଖି ହୋଇଥିଲେ ମଧ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁ ନିୟମିତ ହୋଇପାରୁନଥିବା ସେମାନେ ଅଭିଯୋଗ କରିଛନ୍ତି। ଜିଲାର ବିଭିନ୍ନ ସ୍ଥାନରୁ ୩୦ଜଣ ଶିକ୍ଷୟିତ୍ରୀ ଶିକ୍ଷକ ସୋମବାର ଡିଇଓଙ୍କୁ ଭେଟିବାକୁ ଆସିଥିଲେ। କିନ୍ତୁ ଡିଇଓଙ୍କୁ ଭେଟି ନ ପାରିବାରୁ ଚାକିରୀ ନିୟମିତ କରିବା ଦାବିରେ ସେମାନେନ ସେଠାରେ ଧାରଣା ଦେଇଥିଲେ। ନବରଙ୍ଗପୁର ଜିଲାରେ ସନ୍ଧ୍ୟା ୬ରୁ ନାଇଟ କର୍ଫ୍ୟୁ ଲାଗୁଛି। ତେଣୁ ସେମାନେ ସନ୍ଧ୍ୟା ପର୍ଯ୍ୟନ୍ତ ଧାରଣା ଦେଇ ଫେରିଯିବେ। ପରଦିନ ସକାଳୁ ପୁଣି ଧାରଣାରେ ବସିବେ ବୋଲି ଶିକ୍ଷୟିତ୍ରୀ ଶିକ୍ଷକମାନେ କହିଛନ୍ତି।

## କର୍କଟ ପୀଡ଼ିତାଙ୍କୁ ସାମ୍ବାଦିକ ସଂଘର ସହାୟତା

ରାୟଗଡ଼ା ଅଫିସ,୧୯।୪

ଗଳା କର୍କଟରେ ପୀଡ଼ିତ ହୋଇ ବିଶାଖାପାଟଣାରେ ଚିକିତ୍ସିତ ଥିବା ଜଣେ ଯୁବତୀଙ୍କୁ ରାଜ୍ୟ ସାମ୍ବାଦିକ ସଂଘ (ଏସ୍‌ୟୁଜେ) ରାୟଗଡ଼ା ଜିଲା ଶାଖା ପକ୍ଷରୁ ୧୫ହଜାର ଟଙ୍କା ସହାୟତା ଦିଆଯାଇଛି। ରାୟଗଡ଼ା ସହର ରାଣୀଗୁଡ଼ା ଫାର୍ମ ଅଞ୍ଚଳର ମନୋଜ ପଣ୍ଡାଙ୍କ ଝିଅ ଚାନ୍ଦିନୀ ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ ତିନି ପ୍ରଥମ ବର୍ଷର ଛାତ୍ରୀ। ସେ ୨୦୨୦ ମସିହାରୁ କର୍କଟ ରୋଗରେ ପୀଡ଼ିତ। ପରିବାରର ଆର୍ଥିକ ସ୍ଥିତି ଦୁର୍ବଳ ହୋଇଥିବାବେଳେ ଝିଅର ଚିକିତ୍ସା ନିମନ୍ତେ ଅଧିକ ଅର୍ଥର ଆବଶ୍ୟକତା ରହିଛି। ତେଣୁ ଏସ୍‌ୟୁଜେ ରାୟଗଡ଼ା ଜିଲା ଶାଖାର ସଭାପତି ଶିବ ନାରାୟଣ ଗୌଡ଼ଙ୍କ ନେତୃତ୍ୱରେ ସୋମବାର ସଂଘର ସାଧାରଣ ସମ୍ପାଦକ ସୁବାଷ ଚନ୍ଦ୍ର ସୂର୍ଯ୍ୟ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସନ୍ତୋଷ କୁମାର ପାଣିଗ୍ରାହୀଙ୍କ ସମେତ ଅନ୍ୟ ସଦସ୍ୟମାନେ ସହାୟତା ପ୍ରଦାନ କରିଛନ୍ତି। ସେହିପରି ସରକାରୀ ସହାୟତା ବାବଦକୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ପ୍ରଶାସନ ପକ୍ଷରୁ ସହାୟତା ମିଳିଥିବାବେଳେ ରେଡ୍‌କ୍ରସ ପକ୍ଷରୁ ମଧ ସହାୟତା ମିଳିବ ବୋଲି ଜଣାପଡ଼ିଛି।

# ସାପ୍ତାହିକ ହାଟ ସ୍ଥାନାନ୍ତର କରାଯାଉ

ଉମରକୋଟ, ୧୯।୪(ସ୍ୱ.ପ୍ର.)

**କରୋନା କଟକଣାକୁ ଅଣଦେଖା କରି ରାସ୍ତାରେ ଜମୁଛି ବେପାର**



ନବରଙ୍ଗପୁର ଜିଲା ଉମରକୋଟ ଓ ରାଇଘରରେ କରାନା ଆକ୍ରାନ୍ତଙ୍କ ସଂଖ୍ୟା ବଢିବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ଉମରକୋଟରେ ସୋମବାର ଓ ଗୁରୁବାର ବସୁଥିବା ସାପ୍ତାହିକ ହାଟକୁ ପୌର ପ୍ରଶାସନ ବନ୍ଦ କରିଦେଲାଣି। ବ୍ୟବସାୟୀମାନେ କିନ୍ତୁ ରାସ୍ତାରେ ବସି ବେପାର କରୁଛନ୍ତି। ଫଳରେ ଭିଡ଼ ଜମୁଛି। ତେଣୁ ହାଟ ପାଳିରେ ପୃଥକ୍ ସ୍ଥାନରେ ବ୍ୟବସାୟୀଙ୍କୁ ଅନ୍ୟତ୍ର ବସାଇବାକୁ ଦାବି ହୋଇଛି।

ପ୍ରକାଶ ଯେ, ଉମରକୋଟ ସାପ୍ତାହିକ ହାଟକୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ନବୀକରଣ କରାଯାଇଛି। ଏଠାରେ ୬୦ରୁ ଊର୍ଦ୍ଧ୍ୱ ଦୋକାନ ଗୃହ ରହିଛି। ଏହା ଏକ ବଡ଼ ହାଟ ହୋଇଥିବାରୁ ଏଠାକୁ ପଡୋଶୀ ଛତିଶଗଡ଼ ଓ ଆଖପଖ ଅଞ୍ଚଳରୁ ବେପାରୀ ଏବଂ ଲୋକେ ଆସିଥାନ୍ତି। ପୌର ପ୍ରଶାସନ ଏବେ ହାଟର ମୁଖ୍ୟ ଫାଟକରେ ତାଲା ପକାଇ ଦେଇଛନ୍ତି। ବର୍ତ୍ତମାନ ଏହି ହାଟ ବନ୍ଦ ହେବାରୁ ବ୍ୟବସାୟୀମାନେ ଗଜପତି ଛକରୁ ଭଞ୍ଜମଣ୍ଡପ ଛକ ପର୍ଯ୍ୟନ୍ତ ବସି ବେପାର କରୁଛନ୍ତି। ସକାଳ ୭ରୁ ସନ୍ଧ୍ୟା ୫ ପର୍ଯ୍ୟନ୍ତ ଗହଳି ହେଉଛି। ଗ୍ରାହକ କିମ୍ବା ବ୍ୟବସାୟୀ କେହି ହେଲେ କଟକଣା ମାନୁ ନାହାନ୍ତି। ଗ୍ରାହକ ଦେହକୁ ଦେହ ଲଗାଇ ପରିବା କିଣିବାରେ ବ୍ୟସ୍ତ। ଏହି ସମୟରେ ଟ୍ରାଫିକ ବ୍ୟବସ୍ଥା ପୁରାପୁରୀ ଭୁଶୁଡି ପଡୁଛି। ଏହି ହାଟକୁ ସହରର ଦୁଇଟି ସ୍ଥାନରେ ଭାଗ ଭାଗ କରି ବସାଇବା ବ୍ୟବସ୍ଥା କରିବାକୁ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି। ଏ ନେଇ ଉମରକୋଟ ତହସିଲଦାର ତଥା ଉମରକୋଟ ପୌର ପ୍ରଶାସନ ନିର୍ବାହୀ ଅଧିକାରୀ ଡ. ହିମାଞ୍ଚଳ ମାଝିଙ୍କୁ ପଚାରିବାରୁ ଉପଜିଲାପାଳଙ୍କ ସହ ଆଲୋଚନା କରି କିଛି ନିଷ୍ପତି ନେବେ ବୋଲି କହିଛନ୍ତି।

## ରାୟଗଡ଼ାରୁ ୫୩ ପଜିଟିଭ

ରାୟଗଡ଼ା ଅଫିସ,୧୯।୪

ରାୟଗଡ଼ା ଜିଲାରେ ଲାଗାତର ଦ୍ୱିତୀୟ ଦିନ ପାଇଁ କରୋନା ସଂକ୍ରମିତଙ୍କ ସଂଖ୍ୟା ୫୦ରୁ ଊର୍ଦ୍ଧ୍ୱ ରହିଛି। ରବିବାର ଜିଲାରୁ ୫୭ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ସୋମବାର ଆଉ ୫୩ ପଜିଟିଭ ଚିହ୍ନଟ ହୋଇଛନ୍ତି। ନୂତନ ସଂକ୍ରମିତଙ୍କ ମଧ୍ୟରେ ରାୟଗଡ଼ା ସହରାଞ୍ଚଳରୁ ୧୭, ରାୟଗଡ଼ା ଗ୍ରାମାଞ୍ଚଳରୁ ୪, ବିଷମକଟକରୁ ୫, ଗୁଡାରିରୁ ୩, କାଶୀପୁରରୁ୬, କୋଲନରାରୁ୪, ମୁନିଗୁଡ଼ାରୁ ୧୦, ପଦ୍ମପୁରରୁ ୨ ଏବଂ ରାମନାଗୁଡ଼ା ବ୍ଲକ୍‌ରୁ ୨ ଜଣ ରହିଥିବା ସିଡିଏମ୍‌ଓ ଆର୍ତ୍ତବନ୍ଧୁ ନାୟକ ସୂଚନା ଦେଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ ପଜିଟିଭଙ୍କ ସଂଖ୍ୟା ୮୯୩୫ ରେ ପହଞ୍ଚିଛି। ସେହିପରି ୩୧୪ ସକ୍ରିୟ ସଂକ୍ରମିତ ଚିକିତ୍ସିତ ଥିବା ଜଣାପଡ଼ିଛି।

## କାଳବୈଶାଖୀରେ ଉଡ଼ିଲା ଆଜ୍‌ବେଷ୍ଟସ୍ ଛପର

କୋଡିଙ୍ଗା, ୧୯।୪(ଡି.ଏନ୍.ଏ.)



କାଳ ବୈଶାଖୀ ପ୍ରଭାବରେ ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ ଫାର୍ଶାଗୁଡ଼ା ପଞ୍ଚାୟତ ବନ୍ଦୀଗୁଡ଼ା ଗ୍ରାମର କମଳଲୋଚନ ଭତ୍ରଙ୍କ ଘରର ଆଜବେଷ୍ଟସ୍ ଛପର ଉଡିଯାଇଛି। ସେହିଭଳି ଉକ୍ତ ଗାଁର ବନମାଳୀ ହରିଜନଙ୍କ ଏକ ମଇଁଷି ବଜ୍ରପାତରେ ପ୍ରାଣ ହରାଇଛି। ପ୍ରକାଶ ଯେ, ସୋମବାର ଅପରାହ୍ନରେ ହଠାତ୍ ବର୍ଷା ପବନ ଆରମ୍ଭ ହୋଇଯାଇଥିଲା। ଏଥିରେ କମଳଙ୍କ ଘରର ଆଜ୍‌ବେଷ୍ଟସ୍ ଉଡ଼ି ଯାଇଥିଲା। କମଳଙ୍କୁ ସରକାରୀ ସହାୟତା ଯୋଗାଇବାକୁ ଦାବି ହୋଇଛି।

## ମୃତଦେହକୁ ମିଳିଲାନି ଶ୍ମଶାନ

ନବରଙ୍ଗପୁର,୧୯।୪(ବି.ପ୍ର.)

ବିଶାଖାପାଟଣା ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଯାଇଛି। ସକାଳ ପ୍ରାୟ ୮ଟା ବେଳେ ତାଙ୍କ ମୃତଦେହ ନବରଙ୍ଗପୁର ଅଣାଯାଇ ଥିଲା। ଇଚ୍ଛାବତୀଗୁଡାସ୍ଥିତ ଏକ ଶ୍ମଶାନରେ ମୃତଦେହ ସତ୍କାର ପାଇଁ ବ୍ୟବସ୍ଥା କରାଯାଉଥିଲା। କିନ୍ତୁ କରୋନା ମୃତ୍ୟୁ ସନ୍ଦେହ କରି ସ୍ଥାନୀୟ ଲୋକେ ସେଠାରେ ମୃତଦେହ ସତ୍କାର କରାଇ ଦେଇ ନ ଥିଲେ। ଖବରପାଇ ପୋଲିସ ଏଏସ୍‌ଆଇ ଅଶୋକ ଦେଓ ଏବଂ ତହସିଲଦାର ରବୀନ୍ଦ୍ର ରାଉତ ସେଠାରେ ପହଞ୍ଚି ଥିଲେ। ଏହାପରେ ସେମାନଙ୍କ ଉପସ୍ଥିତିରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ନିକଟ ଖାଲି ସ୍ଥାନରେ ମୃତଦେହ ସତ୍କାର କରାଯାଇଥିଲା।

# କଂସାରିଗୁଡ଼ାରେ ହେବ ଦ୍ୱିତୀୟ ଆଲୁମିନା ରିଫାଇନାରି ପ୍ଲାଣ୍ଟ

ରାୟଗଡ଼ା ଅଫିସ,୧୯।୪

**ଭିଡିଓ କନ୍‌ଫରେନ୍ସ ଆଲୋଚନାରେ ସବୁଜ ସଙ୍କେତ**

ଦୀର୍ଘ ୧୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ଅପେକ୍ଷା ପରେ ରାୟଗଡ଼ା ଜିଲା କାଶୀପୁର ବ୍ଲକ୍ କଂସାରିଗୁଡ଼ାଠାରେ ଦ୍ୱିତୀୟ ଆଲୁମିନା ରିଫାଇନାରି ପ୍ଲାଣ୍ଟ ପ୍ରତିଷ୍ଠା ନେଇ ସବୁଜ ସଙ୍କେତ ମିଳିଛି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ସୋମବାର ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି, ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନି, ପୂର୍ବତନ ବିଧାୟକ ବିଭୀଷଣ ମାଝିଙ୍କ ସମେତ ବିସ୍ଥାପିତ ଓ ଜମିହରା ପରିବାର ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଶିଳ୍ପ ଓ ଇସ୍ପାତ ବିଭାଗ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ବିଜେଡି ସାଙ୍ଗଠନିକ ସମ୍ପାଦକ ତଥା ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାଶଙ୍କ ଉଦ୍ୟମରେ ଏହି ଆଲୋଚନା ହୋଇଥିଲା। ଆଲୋଚନାବେଳେ କଂସାରିଗୁଡ଼ା ଠାରେ ଶୀଘ୍ର କାରଖାନା ପ୍ରତିଷ୍ଠା କରାଯିବ ବୋଲି ବିଭାଗୀୟ ଅଧିକାରୀ ପ୍ରତିଶ୍ରୁତି ଦେଇଥିବା ରାୟଗଡ଼ା ବିଧାୟକ ସୂଚନା ଦେଇଛନ୍ତି। ତେବେ କେବଳ ବିଧିବଦ୍ଧ ଘୋଷଣାକୁ ଅପେକ୍ଷା ରହିଛି। ୮ହଜାର କୋଟି ଟଙ୍କା ବ୍ୟୟରେ ୬ ମିଲିୟନ ଟନ୍ କ୍ଷମତା ବିଶିଷ୍ଟ ଆଲୁମିନା ରିଫାଇନାରି ପ୍ରକଳ୍ପ ପ୍ରତିଷ୍ଠା ହେବ। ଏହାଦ୍ୱାରା ୪ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ନିଯୁକ୍ତି ମିଳିବ ବୋଲି ଜଣାପଡ଼ିଛି।

ସୂଚନାଯୋଗ୍ୟ, କାଶୀପୁର ବ୍ଲକ୍ ପୋଡ଼ାପାଡ଼ି ପଞ୍ଚାୟତର କଂସରିଗୁଡ଼ାଠାରେ ଏକ ଆଲୁମିନା ରିଫାଇନାରି ପ୍ଲାଣ୍ଟ ପ୍ରତିଷ୍ଠା ନିମନ୍ତେ ୨୦୦୫ରେ ଆଦିତ୍ୟ ବିର୍ଲା ଗ୍ରୁପ୍ ହିଣ୍ଡାଲ୍‌କୋ ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲା। ଏ ନେଇ ଯୁଦ୍ଧକାଳୀନ ଭିତ୍ତିରେ କଂସାରିଗୁଡ଼ା, ପୁହୁଣ୍ଡି, ପୋଡାପାଡ଼ି, ବାଙ୍କାମ୍ବ ପଞ୍ଚାୟତ ଫୁଲଯବା ମୌଜାରୁ ଜମି ଅଧିଗ୍ରହଣ କରାଯାଇଥିଲା। ଅଞ୍ଚଳରେ କାରଖାନା ନିର୍ମାଣ ହେଲେ ଲୋକଙ୍କ ଆର୍ଥିକ ସ୍ଥିତି ସୁଦୃଢ ହେବା ସହ ଜମିହରା ଓ ବିସ୍ଥାପିତ ଲୋକେ ରୋଜଗାର ପାଇବେ ବୋଲି ଆଶା ରଖିଥିଲେ। ଏଥିପାଇଁ ନିଜ ଜମି କାରଖାନା ନିର୍ମାଣ ପାଇଁ ହସ୍ତାନ୍ତର କରଥିଲେ। ତେବେ କାରଖାନା ପ୍ରତିଷ୍ଠା ହୋଇ ନ ଥିଲା। ପରେ ୨୦୨୦ରେ ରାଜ୍ୟ ସରକାରଙ୍କ ଉଦ୍ୟମରେ ଆଦିତ୍ୟ ବିର୍ଲାର ଗ୍ରୀନ୍ ଫିଲ୍ଡ ରିଫାଇନାରି ପ୍ଲାଣ୍ଟ ପ୍ରତିଷ୍ଠା ନିମନ୍ତେ ଉଚ୍ଚସ୍ତରୀୟ କମିଟି ଅନୁମୋଦନ କରିଥିଲା। ତେବେ କରୋନା ପରିସ୍ଥିତିରେ ତାହା ହୋଇପାରି ନ ଥିଲା। ଏହାର ପ୍ରତିବାଦରେ ଅଞ୍ଚଳବାସୀ ବାରମ୍ବାର ପ୍ରଶାସନର ଦ୍ୱାରସ୍ଥ ହେବାସହ ବିଭିନ୍ନ ସମୟରେ ଆନ୍ଦୋଳନର ନିଷ୍ପତ୍ତି ମଧ ନେଇଥିଲେ। କାରଖାନା ନିର୍ମାଣ ନ ହେଲେ ଜମି ଫେରାଇବାକୁ ବାସହରା ପରିବାର ଦାବି କରିଥିଲେ। ଏବେ କାରଖାନା ପ୍ରତିଷ୍ଠା ନେଇ ପ୍ରତିଶ୍ରୁତି ମିଳିବା ପରେ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସି ପ୍ରକାଶ ପାଇଛି।

# ଶଙ୍ଖବାଦ୍ୟରେ ଜମିଲା ମୌଳି ମା’ଙ୍କ ବୈଶାଖୀ ପରବ

ସେମିଳିଗୁଡ଼ା,୧୯।୪(ସ୍ୱ.ପ୍ର.)

- ଭଲ ବର୍ଷା ସହ ଫସଲ ବଢ଼ିବା ବିଶ୍ୱାସ
- ମାଟି ମା’ଙ୍କୁ ପୋଢ଼ ବଳି



ସେମିଳିଗୁଡ଼ା ବ୍ଲକ ଦୁଧାରୀ ପଞ୍ଚାୟତ ସଦର ଗାଁରେ ମୌଳି ମା’ଙ୍କ ବୈଶାଖୀ ପରବ ସୋମବାର ପାଳନ କରାଯାଇଛି। ମନ୍ଦିର ପରିଚାଳନା କମିଟି ପକ୍ଷରୁ କୋଭିଡ୍ କଟକଣାରେ ଏହା ପାଳିତ ହୋଇଛି। ମନ୍ଦିର ପୂଜକ ଗୋବର୍ଦ୍ଧନ ପୂଜାରୀ ଭୋରରୁ ମଙ୍ଗଳ ଆଳତି କରିଥିଲେ। ପରେ ମା’ଙ୍କୁ ନୈବେଦ୍ୟ ଅର୍ପଣକରି ପୂଜାର୍ଚ୍ଚନା କରାଯାଇଛି। ସ୍ଥାନୀୟ ୩୨ ଖଣ୍ଡ ଗାଁ ଲୋକ ନିଜ ନିଜ ଗ୍ରାମରୁ ପଟୁଆରରେ ମନ୍ଦିର ଅଭିମୁଖେ ବାହାରିଥିଲେ। ସେମାନେ ଶଙ୍ଖ, ମହୁରି ଓ ବାଦ୍ୟର ତାଳେ ତାଳେ ନାଚଗୀତ କରି ଭୋଗ ସାମଗ୍ରୀ ଧରି ମୌଳି ମା’ ମନ୍ଦିରରେ ପହଞ୍ଚି ଭୋଗ ଲଗାଇଥିଲେ। ଏହି ଅବସରରେ ମାନସିକଧାରୀ ମା’ଙ୍କ ପାଖରେ କୁକୁଡ଼ା ଓ ଛେଳି ଭୋଗ ଲଗାଇଥିଲେ। ମୌଳି ମା’ ଙ୍କୁ ପୂଜାର୍ଚ୍ଚନା ପରେ ମାଟି ମା’ ପାଖରେ ପୋଢ଼ ପୂଜା କରାଯାଇଛି। ଏହାଦ୍ୱାରା କଲେ ପରିବେଶ ସନ୍ତୁଳନ ରହିବା ସହ ଭଲ ବର୍ଷା ହେବ, ଫସଲ ବଢ଼ିବ ଏବଂ ପରିବାର ଲୋକେ ନୀରୋଗ ରହିବେ ବୋଲି ଆଦିବାସୀଙ୍କ ବିଶ୍ୱାସ ରହିଛି।

ପ୍ରକାଶ ଯେ, ସ୍ଥାନୀୟ ଅଞ୍ଚଳରେ ଏହା ସବୁଠୁ ପୁରୁଣା ମନ୍ଦିର। ୧୦୦ରୁ ଊର୍ଦ୍ଧ୍ୱ ବର୍ଷ ଧରି ମା’ଙ୍କ ପୂଜାର୍ଚ୍ଚନା କରାଯାଉଛି। ମା’ଙ୍କ ପରବ ବର୍ଷକୁ ଦୁଇଥର ପାଳନ କରାଯାଏ। ଗୋଟିଏ ଥର ବୈଶାଖରେ ଓ ଅନ୍ୟଟି ଆଶ୍ୱିନ ଦଶହରା ସମୟରେ ବୋଲି ପୂଜାରୀ ଗୋବର୍ଦ୍ଧନ କହିଛନ୍ତି। ଜାତି, ଧର୍ମ ଓ ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଏହାକୁ ପାଳନ କରିଥାନ୍ତି ବୋଲି ମନ୍ଦିର ପରିଚାଳନା କମିଟି ସଦସ୍ୟ ତଥା ସାମାଜିକ କର୍ମୀ ଲକ୍ଷ୍ମୀନାରାୟଣ ଚୌଧୁରୀ କହିଛନ୍ତି। ମୌଳି ମା’ଙ୍କ ଏହି ପର୍ବରେ ଦିନ ତମାମ ଦୂରଦୂରାନ୍ତରୁ ଅନେକ ଶ୍ରଦ୍ଧାଳୁ ଆସି ସାମିଲ ହୋଇଥିଲେ।



ଗାଁରୁ ପଟୁଆରରେ ଶ୍ରଦ୍ଧାଳୁ ମନ୍ଦିର ଅଭିମୁଖେ ଯାଉଛନ୍ତି।

**ଜିଲାରେ ୨୧ ପଜିଟିଭ ଚିହ୍ନଟ**

କୋରାପୁଟ,(ସ୍ୱ.ପ୍ର.)-କୋରାପୁଟ ଜିଲାରେ କରୋନା ମିଟର ଉପରମୁହାଁ ହେବାରେ ଲାଗିଛି। ସୋମବାର ଜିଲାରୁ ପୁଣି ୨୧ ଜଣ କୋରନା ପଜିଟିଭ ଚିହ୍ନଟ ହୋଇଛନ୍ତି। ସମସ୍ତେ କରୋନା ପଜିଟିଭଙ୍କ ସଂସ୍ପର୍ଶରେ ଆସି ପଜିଟିଭ ହୋଇଥିବା ଜଣାଯାଇଛି। ଚିହ୍ନଟ ପଜିଟିଭଙ୍କ ମଧରେ ଜିଲାର ଜୟପୁର ପୌରାଞ୍ଚଳରୁ ୬ ଜଣ, କୋରାପୁଟ ପୌରାଞ୍ଚଳରୁ ଜଣେ, ସୁନାବେଡା ପୌରାଞ୍ଚଳରୁ ଜଣେ, ବନ୍ଧୁଗାଁ ବ୍ଲକରୁ ଜଣେ , କୋଟପାଡ ବ୍ଲକରୁ ୪, ଜୟପୁର ବ୍ଲକରୁ ୪, କୁନ୍ଦୁରା ବ୍ଲକରୁ ୨, ନନ୍ଦପୁର ବ୍ଲକରୁ ୨ ଜଣ ପଜିଟିଭ ଚିହ୍ନଟ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ବର୍ତ୍ତମାନ ସମୟରେ କେତେକ ଅଞ୍ଚଳରେ ଲୋକେ ଅନ୍ୟମାନଙ୍କୁ ଭୟଭୀତ କରାଉଥିବା ପ୍ରଶାସନ ନଜରକୁ ଆସିଛି। ସେମାନେ ଲକ୍‌ଡାଉନ ହେବା ନେଇ ଗୁଜବ ପ୍ରଚାର କରୁଛନ୍ତି। ଏହି ଗୁଜବ ସୃଷ୍ଟିକାରୀଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି ।



## ସଂକ୍ଷେପରେ

### ବ୍ୟାଙ୍କ ଶାଖା ପରିଚାଳକଙ୍କୁ ଉଠାଇନେଲା କମିଶନରେଟ୍ ପୋଲିସ

ମାଲକାନଗିରି,୧୯।୪ (ଡି.ଏନ୍.ଏ.)- ମାଲକାନଗିରି ଜିଲା ସଦର ମହକୁମାସ୍ଥିତ ଆକ୍ସିସ ବ୍ୟାଙ୍କର ଶାଖା ପରିଚାଳକ ଦିଲୀପ କୁମାର ରଥଙ୍କୁ ସୋମବାର କମିଶନରେଟ୍ ପୋଲିସ ଉଠାଇନେଇଛି। ଦିଲୀପଙ୍କ ସ୍ତ୍ରୀ ସଙ୍ଗୀତା ପଣ୍ଡା ଯୌତୁକ ନିର୍ଯାତନା ସହ ବାରମ୍ବାର ତାଙ୍କ ସହ ଝଗଡ଼ା ଲଗାଉଥିବା ନେଇ ଭୁବନେଶ୍ୱର କମିଶନରେଟ୍ ପୋଲିସର ମହିଳା ଥାନାରେ ଦିଲୀପଙ୍କ ନାମରେ ଅଭିଯୋଗ କରିଥିଲେ। ଏହାର ତଦନ୍ତ କରି ମହିଳା ଥାନା ପୋଲିସ ମାଲକାନଗିରିରେ ପହଞ୍ଚି ବ୍ୟାଙ୍କରେ କାର୍ଯ୍ୟରତ ଥିବା ଦିଲୀପଙ୍କୁ ଉଠାଇ ଆଣିଥିଲା। ଏ ସମ୍ପର୍କରେ ମାଲକାନଗିରି ଆଇଆଇସି ରାମପ୍ରସାଦ ନାଗଙ୍କୁ ପଚାରିବାରୁ ମାଲକାନଗିରି ଥାନାରେ ଏନେଇ କୌଣସି ମାମଲା ହୋଇନାହିଁ। ଭୁବନେଶ୍ୱରରେ ମାମଲା ରୁଜୁ ହୋଇଛି। ତେବେ କମିଶନରେଟ ପୋଲିସକୁ ମାଲକାନଗିରି ପୋଲିସ ସମସ୍ତ ପ୍ରକାର ସହାୟତା କରିଥିବା ସେ କହିଛନ୍ତି।

### ମାଲକାନଗିରି: ୯ କରୋନା ଆକ୍ରାନ୍ତ ଚିହ୍ନଟ

ମାଲକାନଗିରି,୧୯।୪ (ଡି.ଏନ୍.ଏ.)- ମାଲକାନଗିରି ଜିଲାରେ ସୋମବାର ପୁଣି ୯ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ମାଲକାନଗିରି ପୌର ପରିଷଦ ଅଞ୍ଚଳରୁ ୫ ଜଣ, ମାଥିଲି ବ୍ଲକରୁ ଜଣେ, କାଲିମେଲା ବ୍ଲକରୁ ୩ଜଣ ଚିହ୍ନଟ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ମାଲକାନଗିରି ଜିଲାରେ ପୂର୍ବ ଆକ୍ରାନ୍ତଙ୍କୁ ମିଶାଇ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୫୨୮୨ରେ ପହଞ୍ଚିଛି। ସେଥିରୁ ୫୨୨୭ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଅନ୍ୟ ୩୦ ଜଣ କୋଭିଡ୍-୧୯ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି।

### ଉଗ୍ରତାରାଙ୍କ ବାସନ୍ତିକ ପୂଜା ଆରମ୍ଭ



ଜୟପୁର,୧୯।୪(ନି.ପ୍ର.)-ଜୟପୁର ରାଜୁସାହିସ୍ଥିତ ଉଗ୍ରତାରାଙ୍କ ପୀଠରେ ସୋମବାରଠାରୁ ବାସନ୍ତିକ ପୂଜା କୋଭିଡ୍ ନିୟମ ଅନୁସାରେ ଆରମ୍ଭ ହୋଇଛି। ଏହି ପୂଜା ୩ ଦିନ ଧରି ଚାଲିବ। ସପ୍ତମୀ, ଅଷ୍ଟମୀ ଓ ନବମୀ ପୂଜା ଷୋଡ଼ଶ ଉପଚାରରେ ହେବ। ସ୍ୱତନ୍ତ୍ର ଆଳତି, ଭୋଗ ସହ ଅନ୍ୟାନ୍ୟ ନୀତିକାନ୍ତି ହେବ ବୋଲି ମୁଖ୍ୟ ସେବାୟତ ସଞ୍ଜୟ ମହାପାତ୍ର କହିଛନ୍ତି। ୩ ଦିନ ହୋମ ଆଦି କରାଯିବ। କୋଭିଡ୍ ନିୟମ ଅନୁଯାୟୀ ପୂଜା ଚାଲିଥିବା ବେଳେ ନୀତିକାନ୍ତ ଭିତରେ ପୂଜା ଶେଷ କରାଯିବ ବୋଲି ଜଣାଯାଇଛି।

# ଚାକିରି କରାଇ ଦେବା ନାଁରେ ଠକିଲେ ପୋଲିସ ଅଧିକାରୀ

■ଏସ୍‌ପିଙ୍କ ନିକଟରେ ହେଲା ଅଭିଯୋଗ
■୧୫ ଦିନ ମଧରେ ତଦନ୍ତ କରି ରିପୋର୍ଟ ଦେବାକୁ ଅତିରିକ୍ତ ଏସ୍‌ପିଙ୍କୁ ନିର୍ଦ୍ଦେଶ

ପଟ୍ଟାଙ୍ଗୀ,୧୯।୪(ଡି.ଏନ.ଏ.)

କୋରାପୁଟ ଜିଲା ପଟ୍ଟାଙ୍ଗୀ ଥାନାରେ କାର୍ଯ୍ୟରତ ଜଣେ ପୋଲିସ ଅଧିକାରୀଙ୍କ ବିରୋଧରେ ଲକ୍ଷ୍ମୀପୁର, ନାରାୟଣପାଟଣା ଓ ବନ୍ଧୁଗାଁ ବ୍ଲକର କେତେକ ବ୍ୟକ୍ତି ସୋମବାର ଏସ୍‌ପି ବରୁଣ ଗୁଣ୍ଟୁପାଲିଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏହି ପୋଲିସ ଅଧିକାରୀ ରେଲୱେରେ ଚାକିରି କରାଇ ଦେବାକୁ କହି ପ୍ରତ୍ୟେକଙ୍କଠାରୁ ୬୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଠକି ନେଇଥିବା ସେମାନେ ପ୍ରକାଶ କରିଛନ୍ତି।

ଖବରରୁ ଜଣାପଡିଛି ଏହି ଏଏସଆଇ ସୁବାଷ ଚନ୍ଦ୍ର ନାୟକ ୨୦୦୯ରେ କୋରାପୁଟ ସ୍ପେଶାଲ ବ୍ରାଞ୍ଚରେ କନଷ୍ଟେବଳ ଭାବେ ଯୋଗ ଦେଇଥିଲେ। ଏହି ସମୟରେ ସେ ଉପରୋକ୍ତ ତିନି ବ୍ଲକର ୧୫ ଜଣଙ୍କଠାରୁ ରେଲୱେରେ ଚାକିରି କରାଇଦେବାକୁ ପ୍ରତିଶ୍ରୁତି ଦେଇ ଜଣକଙ୍କ ପିଛା ୬୦ ହଜାର ଟଙ୍କା ଲେଖାଏ ଆଦାୟ କରି ନେଇଥିଲେ। ମାତ୍ର ବର୍ତ୍ତମାନ ସୁଦ୍ଧା ସେମାନଙ୍କୁ କୌଣସି ଚାକିରି ମିଳିନାହିଁ। ଟଙ୍କା ମଧ ଫେରାଇ ନାହାନ୍ତି। ଏବେ ନାୟକ କନେଷ୍ଟବଳରୁ ପଦୋନ୍ନତି ପାଇ ଏଏସଆଇ ରୂପେ ପଟାଙ୍ଗି ଥାନାରେ କାର୍ଯ୍ୟ କରୁଛନ୍ତି। ଏନେଇ ପୂର୍ବରୁ ନାରାୟଣପାଟଣା ଥାନାରେ ସେହି ଅଞ୍ଚଳର ଟଙ୍କା ଦେଇଥିବା ଲୋକେ ଅଭିଯୋଗ କରିଥିଲେ। ମାତ୍ର କିଛି ସୁଫଳ ମିଳିନାହିଁ। ତାଙ୍କୁ ଟଙ୍କା ଫେରାଇ ଦେବାକୁ କହିଲେ ମୁଁ ଜଣେ ପୋଲିସ ଅଧିକାରୀ ମୋତେ ଟଙ୍କା ପାଇଁ ବାଧ କଲେ ତୁମମାନଙ୍କ ନାମରେ ମାମଲା ରୁଜୁ କରିବି ବୋଲି ଧମକଚମକ ଦେଇ ଫେରାଇ ଦେଉଛନ୍ତି। ନିଜ ଟଙ୍କା ଫେରି ପାଇବା ଲାଗି ଦୀର୍ଘ ବର୍ଷ ପରେ ମଧ ଏହି ୧୫ ଜଣ ବ୍ୟକ୍ତି ଆଶା ଛାଡିନାହାନ୍ତି। ତିନି ବ୍ଲକର ଦୁର୍ଗା ପ୍ରସାଦ ମହାପାତ୍ର, ଶିବ ପ୍ରସାଦ ନନ୍ଦ, ଏନ. ଗୋବିନ୍ଦ ରେଡ୍ଡିଙ୍କ ସମେତ ୬ ଜଣ ସୋମବାର ଏସ୍‌ପିଙ୍କୁ ସାକ୍ଷାତ କରି ସମସ୍ତ ଘଟଣା ଜଣାଇ ଏସଆଇ ନାୟକଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଛନ୍ତି। ଏହାକୁ ଭିତ୍ତି କରି ଏସପି ଅତିରିକ୍ତ ଏସ୍‌ପିଙ୍କୁ ୧୫ ଦିନ ମଧରେ ଏହାର ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏ ସମ୍ପର୍କରେ ଏସଆଇ ନାୟକଙ୍କୁ ପଚାରିବାରୁ ସେ କହିଲେ ଯେ, ଏ ସମ୍ପର୍କରେ ମୋର ଏବେ କିଛି କହିବାର ନାହିଁ। ସମୟ ଆସିଲେ ମୁଁ ଏହାର ଉତ୍ତର ଦେବି।

# ଆଉଁଳି ପଞ୍ଚାୟତରେ ମିଶ୍ରଣ ପର୍ବ



ବିଜେଡିରେ ସାମିଲ ହୋଇଥିବା ପରିବାର।

**କଂଗ୍ରେସ ଛାଡ଼ି ବିଜେଡିରେ ସାମିଲ ହେଲେ ଶହେ ପରିବାର**

ବୋରିଗୁମ୍ମା, ୧୯।୪(ଡି.ଏନ୍.ଏ.)

କୋରାପୁଟ ଜିଲା ବୋରିଗୁମା ବ୍ଲକ ଆଉଁଳି ପଞ୍ଚାୟତରେ ସୋମବାର ବିଜେଡିର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ପଦ୍ମିନୀ ଦିଆନ ଯୋଗଦେଇଥିଲେ। ଆଉଁଳି ଗ୍ରାମର ବରିଷ୍ଠ କଂଗ୍ରେସ କର୍ମୀ ପରେଶ ନାୟକଙ୍କ ନେତୃତ୍ୱରେ ଏକଶହ ପରିବାର ବିଜେଡିରେ ସାମିଲ ହୋଇଛନ୍ତି। ମନ୍ତ୍ରୀ ଦିଆନ ସେମାନଙ୍କୁ ସ୍ୱାଗତ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ଏହି ପରିବାରର ଲୋକେ ବିଜେଡିରେ ସାମିଲ ହୋଇଥିବା କହିଛନ୍ତି। ସେମାନଙ୍କୁ ନେଇ ବ୍ଲକରେ ଆଗାମୀ ଦିନରେ ବିଜେଡି ସଂଗଠନ ଆହୁରି ସୁଦୃଢ଼ ହୋଇଛି ବୋଲି ମନ୍ତ୍ରୀ ପ୍ରକାଶ କରିଛନ୍ତି। ଏହି ସମୟରେ ବ୍ଲକ ବିଜେଡି ସଭାପତି ଟିଙ୍କି ପଟ୍ଟନାୟକ, ଏମ୍‌ପି ପ୍ରତିନିଧି କେଶବ ପଣ୍ଡା, ପୂର୍ବତନ ଜିଲା ପରିଷଦ ଅଧକ୍ଷା ମାଳତି ମାଝି, ନରେନ୍ଦ୍ର ବିଶୋୟୀ, ପ୍ରସାଦ ବିଡିକା ପ୍ରମୁଖ ଉପସ୍ଥିତ ଥିଲେ। ପରେ ମନ୍ତ୍ରୀ ଆଉଁଳି ଗ୍ରାମର ପାନୀୟ ଜଳ ସମସ୍ୟା ସମ୍ପର୍କରେ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ।

# ସୀମାନ୍ତ ମୋଟୁରେ ପ୍ରବାସୀ ଶ୍ରମିକଙ୍କ ଭିଡ଼



ମାଲକାନଗିରି ଜିଲା ସୀମାନ୍ତ ମୋଟୁଠାରେ ପହଞ୍ଚିଥିବା ପ୍ରବସୀ ଶ୍ରମିକ ।

**ଥର୍ମାଲ ଟେଷ୍ଟ କରି ଗୃହ ସଙ୍ଗରୋଧରେ ରହିବାକୁ ପରାମର୍ଶ ଦେଲା ପ୍ରଶାସନ**

ମାଲକାନଗିରି,୧୯।୪ (ଡି.ଏନ୍.ଏ.)

କରୋନାର ଦ୍ୱିତୀୟ ଲହର ସମସ୍ତଙ୍କୁ ଚିନ୍ତାରେ ପକାଇଛି। ଏହାର ପ୍ରଭାବ ଦକ୍ଷିଣ ଭାରତରେ ବହୁଳ ମାତ୍ରାରେ ଦେଖିବାକୁ ମିଳୁଛି। ସେହିସବୁ ରାଜ୍ୟରେ କାର୍ଯ୍ୟ କରୁଥିବା ଓଡ଼ିଶାର ପ୍ରବାସୀ ଶ୍ରମିକମାନେ ଏବେ ଘରକୁ ଫେରିବାରେ ଲାଗିଛନ୍ତି। ମାଲକାନଗିରି ଜିଲା ଆନ୍ଧ୍ର ଓ ତେଲଙ୍ଗାନା ସୀମାନ୍ତ ମୋଟୁଠାରେ ସୋମବାର ଗୋଟିଏ ଦିନରେ ୬୪୦ ପ୍ରବାସୀ ଶ୍ରମିକ ଫେରିଥିବା ତହସିଲଦାର ଶାଶାଙ୍କ ଶେଖର ମିଶ୍ର କହିଛନ୍ତି। ସେମାନଙ୍କୁ ଥର୍ମାଲ ଚେକିଂ କରାଯାଉଛି। ଯେଉଁମାନେ ଭାକ୍ସିନ ନେଇନାହାନ୍ତି ସେମାନେ ଏକ ଚୁକ୍ତିପତ୍ର ସ୍ୱାକ୍ଷର କରି ୭ଦିନ ଗୃହ ସଙ୍ଗରୋଧରେ ରହିବା ପାଇଁ ପରାମର୍ଶ ଦିଆଯାଉଛି। ପୋଲିସ ଏବଂ ଡାକ୍ତରୀ ଦଳ ମୋଟୁଠାରେ ରହି ଏହି ପ୍ରବାସୀ ଶ୍ରମିକଙ୍କୁ ତନଖି କରୁଛନ୍ତି। ତେବେ ଆଗାମୀ ଦିନରେ ଏହି ସଂଖ୍ୟା ବହୁ ପରିମାଣରେ ବୃଦ୍ଧି ପାଇବା ସମ୍ଭାବନା ରହିଛି। ଗତବର୍ଷ ଏପ୍ରିଲ ଓ ମେ ମାସରେ ବିଭିନ୍ନ ରାଜ୍ୟରୁ ପ୍ରାୟ ୬୦ ହଜାରରୁ ଉର୍ଦ୍ଧ୍ୱ ଶ୍ରମିକ ତାମିଲନାଡୁ, କେରଳ, ଆନ୍ଧ୍ରପ୍ରଦେଶ ଓ ତେଲଙ୍ଗାନାରୁ ମୋଟୁ ସୀମା ଦେଇ ନିଜ ନିଜ ଜିଲାକୁ ଯାଇଥିଲେ। ଜିଲା ପ୍ରଶାସନ ପକ୍ଷରୁ ମୋଟୁଠାରେ ଏକ ସ୍ୱତନ୍ତ୍ର କ୍ୟାମ୍ପ କରାଯାଇ ସମସ୍ତଙ୍କୁ ସୁରକ୍ଷିତ ଭାବେ ନିଜ ନିଜ ଘରକୁ ପଠାଯାଇଛି।

### ଜଳ ସମସ୍ୟା ନେଇ ଜିଲାପାଳଙ୍କୁ ଭେଟିଲେ, ଧାରଣାରେ ବସିଲେ

କୋରାପୁଟ,୧୯।୪(ସ୍ୱ.ପ୍ର.)

କୋରାପୁଟ ମ୍ୟୁନିସିପାଲିଟି ଅନ୍ତର୍ଗତ ଗୌଡଗୁଡା ଗ୍ରାମରେ ପାନୀୟ ଜଳ ସମସ୍ୟା ନେଇ ସୋମବାର ଗ୍ରାମବାସୀ ଜିଲାପାଳ ଅବଦାଲ ମହମ୍ମଦ ଅଖତାରଙ୍କୁ ଭେଟିଛନ୍ତି। ମ୍ୟୁନିସିପାଲିଟି ଅଧୀନରେ ଥିବା ୨୧ ନମ୍ବର ୱାର୍ଡରେ ଗୌଡଗୁଡା ଗ୍ରାମରେ ପୂର୍ବରୁ ଥିବା ଗୋଟିଏ ମାତ୍ର ନଳକୂପ ଦୀର୍ଘ ଦିନ ହେଲା ଖରାପ ହୋଇ ପଡିଛି। ଏହାକୁ ମରାମତି କରାଯାଉ ନ ଥିବାରୁ ଗ୍ରାମବାସୀ ଗ୍ରାମ ନିକଟରେ ଥିବା ଏକ ନାଳରୁ ପାଣି ଆଣି ବ୍ୟବହାର କରୁଥିବା ଜିଲାପାଳଙ୍କୁ ଦେଇଥିବା ପତ୍ରରେ ଉଲ୍ଲେଖ କରିଛନ୍ତି। ଗ୍ରାମରେ ଏକ ନଳକୂପ ସ୍ଥାପନ ପାଇଁ ଗ୍ରାମବାସୀ ଅନୁରୋଧ କରିଛନ୍ତି। ଜିଲାପାଳଙ୍କୁ ଦାବିପତ୍ର ଦେଇ ସେମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ଜିଲାପାଳ ସେମାନଙ୍କ ନିକଟରେ ପହଞ୍ଚି ଏଦିଗରେ ଶୀଘ୍ର ଦୃଷ୍ଟି ଦେଇ ପଦକ୍ଷେପ ନେବି ବୋଲି ପ୍ରତିଶ୍ରୁତି ଦେବା ପରେ ୱାର୍ଡବାସୀ ଧାରଣାରୁ ଉଠିଥିଲେ।

### ଜୟପୁରରେ ନାଇଟ୍ କର୍ଫ୍ୟୁ କଡ଼ାକଡ଼ି

ଜୟପୁର, ୧୯।୪ (ନି.ପ୍ର.)

କରୋନା ସଂକ୍ରମଣ ଦ୍ୱିତୀୟ ଲହର ଦିନକୁ ଦିନ ବଢୁଛି। ଏଥିଯୋଗୁ ସଂକ୍ରମିତ ସଂଖ୍ୟା ବୃଦ୍ଧି ପାଉଛି। ତେବେ ଏହାକୁ ରୋକିବା ପାଇଁ ଛତିଶଗଡ଼ ସୀମାନ୍ତରେ ଥିବା କୋରାପୁଟ ଜିଲା ସମେତ ୧୦ଟି ଜିଲାରେ ସପ୍ତାହର ଶେଷ ଦୁଇ ଦିନ ଶନିବାର ଓ ରବିବାର ଶଟ୍‌ଡାଉନ ଲାଗୁ କରିଛି ପ୍ରଶାସନ। ସୋମବାରଠାରୁ ଏହି ୧୦ ଜିଲାରେ ନାଇଟ କର୍ଫ୍ୟୁର ପରିବର୍ତ୍ତିତ ସମୟ ସନ୍ଧ୍ୟା ୬ରୁ ସକାଳ ୫ଟା ଯାଏ ଲାଗୁ ନିୟମ ଲାଗୁ ହେବ। ଏନେଇ ଜୟପୁର ଟାଉନ ଥାନା ଅଧିକାରୀ ବାଲେଶ୍ୱର ଗିଡ଼ି, ସଦର ଥାନା ଅଧିକାରୀ ଆଦିତ୍ୟ ମହାକୁଡଙ୍କ ନେତୃତ୍ୱରେ ୨ ପ୍ଲାଟୁନ ଫୋର୍ସ ମୁତୟନ ହୋଇ କଡା ନଜର ରଖିଛନ୍ତି । ତେବେ ଶଟ୍‌ଡାଉନରୁ ଅତ୍ୟାବଶ୍ୟକ ସେବାକୁ ବାଦ୍ ପକାଯାଇଛି। ଜିଲାର ବର୍ଡରର ଚାତୁଆ, ଚାନ୍ଦିଲି ଓ ସୁଙ୍କିଠାରେ ଚେକିଂ ପଏଣ୍ଟ କରାଯାଇଛି। ନାଇଟ କର୍ଫ୍ୟୁ ଯୋଗୁ ଦୋକାନ ବଜାର ବନ୍ଦ ଥିବା ବେଳେ ସହର ଖାଁ ଖାଁ ଲଗୁଛି ।

# ଜବରଦଖଲକାରୀଙ୍କ କବ୍‌ଜାରେ ସର୍ବସାଧାରଣ ରାସ୍ତା

ମାଲକାନଗିରି,୧୯।୪ (ଡି.ଏନ୍.ଏ.)

ମାଲକାନଗିରି ଜିଲା ଖଇରପୁଟ ବ୍ଲକ ଗୋବିନ୍ଦପାଲି ରାଜରାସ୍ତା ପାର୍ଶ୍ୱରେ ଥିବା ସିଙ୍ଗାଗୁଡା ଗ୍ରାମକୁ ସଂଯୋଗ କରୁଥିବା ସର୍ବସାଧାରଣ ରାସ୍ତାକୁ କେତେଜଣ ବ୍ୟକ୍ତି ଜବରଦଖଲ କରିଥିବା ଅଭିଯୋଗ ହୋଇଛି। ଏହି ରାସ୍ତାକୁ ନିଜ କବ୍‌ଜାରେ ରଖି ୧୦ ବର୍ଷ ହେଲା ସେମାନେ ଏକ ଘରୋଇ ସଂସ୍ଥାକୁ ଟାୱାର ସ୍ଥାପନ ପାଇଁ ଭଡ଼ା ଦେଇଛନ୍ତି। ଫଳରେ ସିଙ୍ଗାଗୁଡା ଓ ଗୋବିନ୍ଦପାଲି ଗ୍ରାମବାସୀ ଯାତାୟାତରେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଏ ସମ୍ପର୍କରେ ସରପଞ୍ଚ ଶିବୁ ଦୁରୁମାଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ଖଇରପୁଟ ବ୍ଲକ କାର୍ଯ୍ୟାଳୟରେ ଲିଖିତ ଅଭି ଯୋଗ କରିଥିଲେ। ତହସିଲଦାରଙ୍କ ନିର୍ଦ୍ଦେଶରେ ଗୋବିନ୍ଦପାଲି ଆର୍‌ଆଇ ରାସ୍ତା ଚିହ୍ନଟ କରିଥିଲେ ସୁଦ୍ଧା ଜବରଦଖଲକାରୀ ଏ ପର୍ଯ୍ୟନ୍ତ ରାସ୍ତା ଛାଡି ନାହାନ୍ତି। ଏନେଇ ତହସିଲଦାରଙ୍କୁ ପଚାରିବାରୁ ସେ କହିଛନ୍ତି, ଜବରଦଖଲକାରୀଙ୍କୁ ଚିହ୍ନଟ କରାଯାଇଛି। ଖୁବ୍ ଶୀଘ୍ର ସେମାନଙ୍କୁ ଉଚ୍ଛେଦ କରାଯିବ ।

# ନିଖୋଜ ୧୧ ଦିନ ପରେ ଜଙ୍ଗଲରୁ ମୃତଦେହ ଜବତ

ଲକ୍ଷ୍ମୀପୁର,୧୯।୪(ଡି .ଏନ୍.ଏ.)

ଲକ୍ଷ୍ମୀପୁର ବ୍ଲକ ଗୌଡ଼ଗୁଡ଼ା ପଞ୍ଚାୟତର ଖୋଲାଗୁଡ଼ା ଗ୍ରାମର ଜଣେ ବୃଦ୍ଧ ନିଖୋଜ ହୋଇଯାଇଥିଲେ। ୧୧ ଦିନ ପରେ ନିକଟସ୍ଥ ଆଡ଼ଶାଶିଳ ଜଙ୍ଗଲରୁ ତାଙ୍କ ମୃତଦେହ ଜବତ କରାଯାଇଛି। ସେ ହେଲେ ଖୋଲାଗୁଡ଼ା ଗ୍ରାମର ମେଟା ଦିଶାରୀ ( ୬୧)। ସେ ନିଖୋଜ ହେବାର ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ପରିବାର ଲୋକେ ୮ଦିନ ପରେ କାକିରିଗୁମା ଥାନାରେ ଅଭିଯୋଗ କରିଥିଲେ। ଏହାର ୨ ଦିନ ପରେ ମେଟାଙ୍କ ମୃତଦେହକୁ ଆଡ଼ଶାଶିଳ ଜଙ୍ଗଲର ଏକ କାଜୁଗଛରେ ଝୁଲନ୍ତା ଅବସ୍ଥାରେ ଥିବା ପରିବାର ଲୋକେ ଖବରପାଇ ଜଙ୍ଗଲରେ ପହଞ୍ଚିଥିଲେ। ତେବେ ମେଟାଙ୍କ ୨ଟି ଗୋଡ଼ ନ ଥିବା ଅବସ୍ଥାରେ ସେ ଗଛରେ ଝୁଲୁଥିବା ଦେଖିବାକୁ ମିଳିଥିଲା। ଏହା ଏକ ହତ୍ୟାକାଣ୍ଡ କି ଆତ୍ମହତ୍ୟା ତାହା ସ୍ପଷ୍ଟ ହୋଇନାହିଁ। ଖବର ପାଇ କାକିରିଗୁମା ଏସ୍‌ଆଇ କିଶୋର ଚନ୍ଦ୍ର ଚୌଧୁରୀଙ୍କ ନେତୃତ୍ୱରେ ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି। କେସ୍ ନଂ.୫/୨୧ରେ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ଲକ୍ଷ୍ମୀପୁର ମେଡିକାଲକୁ ପଠାଯାଇଛି। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ଏହା ହସ୍ତାନ୍ତର କରାଯିବ ବୋଲି ଏସ୍‌ଆଇ ଚୌଧୁରୀ କହିଛନ୍ତି। ସୂଚନାଯୋଗ୍ୟ, ମେଟା ଗତ ୧୬ବର୍ଷ ତଳେ ନିଜ ଭାଇଙ୍କୁ ହତ୍ୟାକରି ଜେଲ ଯାଇଥିଲେ। ୧୪ ବର୍ଷ ସଜା ଭୋଗି ୨ ବର୍ଷ ହେଲା ସେ ଜେଲରୁ ଫେରି ସାଧାରଣ ଜୀବନ ବିତାଉଥିଲେ। ଅନ୍ୟପକ୍ଷରେ ସେ ହଠାତ୍ ନିଖୋଜ ହେବା ଏବଂ ନିଖୋଜର ୮ ଦିନ ପରେ ପରିବାର ଲୋକେ ଥାନାରେ ଏତଲା ଦେବାର ୨ ଦିନ ପରେ ଜଙ୍ଗଲରୁ ଝୁଲନ୍ତା ଅବସ୍ଥାରେ ତାଙ୍କର ଗୋଡ଼ବିହୀନ ମୃତଦେହ ମିଳିବା ନେଇ ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ହୋଇଥାଇପାରେ ବୋଲି ସାଧାରଣରେ ଆଲୋଚନା ହେଉଛି।

# କ୍ୱାକ୍ ଚିକିତ୍ସା ଜୀବନ ନେଲା

**ସାଲାଇନ, ଇଞ୍ଜେକ୍ସନ ନେବା ପରେ ରୋଗୀ ମୃତ**

ଏମ୍‌ଭି ୭୯,୧୯।୪(ଡି.ଏନ.ଏ.)

ମାଲକାନଗିରି ଜିଲା ଏମଭି–୭୯ ଥାନା ଅନ୍ତର୍ଗତ ଏମଭି–୭୨ ଗ୍ରାମରେ ଜଣେ ମେଡ଼ିସିନ ଷ୍ଟୋର ଚଳାଉଥିବା କ୍ୱାକଙ୍କ ଚିକିତ୍ସାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ମୃତକଙ୍କ ସମ୍ପର୍କୀୟ ଏମଭି–୭୯ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଖବରରୁ ଜଣାପଡିଛି ମହାରାଷ୍ଟ୍ରରୁ କେନ୍ଦୁପତ୍ର ଶ୍ରମିକ ଭାବେ କାର୍ଯ୍ୟ କରିବାକୁ ଆସିଥିବା ତିଲକ ବାଲକ୍ରିଷ୍ଣ ବାଗୱାରେ ରବିବାର ସକାଳେ ଅସୁସ୍ଥ ହୋଇପଡ଼ିଲେ। ଏଥିପାଇଁ ସେ ଏମଭି–୭୨ ଗ୍ରାମସ୍ଥିତ ତପନ କୁମାର ସାନାଙ୍କ ମେଡ଼ିସିନ ଷ୍ଟୋରକୁ ଯାଇ ଜଣାଇଲେ। ମେଡିସିନ ଷ୍ଟୋର ମାଲିକ ତିଳକଙ୍କୁ ଏକ ଇଞ୍ଜେକ୍ସନ ଓ ସାଲାଇନ ନେବାକୁ କହିଥିଲେ। ଏହି ଇଞ୍ଜେକ୍ସନ ଓ ସାଲାଇନ ନେବାର କିଛି ସମୟ ପରେ ସେ ଗୁରୁତର ହୋଇଯାଇଥିଲେ। ପରେ ତିଲକଙ୍କୁ କାଲିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପରିବାର ଲୋକେ ନେଉଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏନେଇ ତିଲକଙ୍କ କ୍ୱାଇଁ ଘଟଣା ସମ୍ପର୍କରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ସମ୍ପର୍କୀୟଙ୍କ ସହଯୋଗରେ ମହାରାଷ୍ଟ୍ରସ୍ଥିତ ତାଙ୍କ ଗ୍ରାମକୁ ପଠାଇଛି। କେସ ନଂ. ୩୧ /୨୧ରେ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ କହିଛନ୍ତି।

# ନିର୍ଦ୍ଦେଶ ସତ୍ତ୍ୱେ ତଦନ୍ତ କରୁନି ଜୟପୁର ଡିଭିଜନ

**ଡାକଘରୁ ଜମାକାରୀଙ୍କ ଟଙ୍କା ହେରଫେର ଘଟଣା**

ବୈପାରିଗୁଡା,୧୯।୪ (ଡି.ଏନ୍.ଏ.)

କୋରାପୁଟ ଜିଲା ବୈପାରିଗୁଡା ବ୍ଲକ ଅନ୍ତର୍ଗତ ମାଝିଗୁଡା ପଞ୍ଚାୟତର ମାଝିଗୁଡା ଗ୍ରାମୀଣ ଡାକଘରେ ଜମାକାରୀଙ୍କ ଖାତାରୁ ଅର୍ଥ ହଡପ ଘଟଣାର ତଦନ୍ତ ପାଇଁ ଡାକବିଭାଗ ନିର୍ଦ୍ଦେଶ ଦେଇଥିଲେ। ତେବେ ୨ ମାସ ପରେ ମଧ ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ ହୋଇନାହିଁ। ଫଳରେ ଜମାକାରୀମାନେ ଡାକଘରେ ତାଲା ପକାଇ ସଂପୂର୍ଣ୍ଣ ଅଚଳ କରିଦେବାକୁ ଚେତାବନୀ ଦେଇଛନ୍ତି।

ମାଝିଗୁଡାଠାରେ ଥିବା ଗ୍ରାମୀଣ ଡାକଘରେ ବହୁ ଗରିବ ଲୋକେ ଏସ୍‌ବି, ଆରଡି ଓ ସୁକନ୍ୟା ଯୋଜନାରେ ଅର୍ଥ ସଞ୍ଚୟ କରିଆସୁଥିଲେ। ସେଠାରେ ଦୀର୍ଘଦିନ ତଳୁ ପୋଷ୍ଟ ମାଷ୍ଟର ଦାୟିତ୍ୱରେ ଥିବା ଜଣେ ସ୍ଥାନୀୟ ବ୍ୟକ୍ତି ପାସ୍‌ବୁକ୍‌ରେ ଏସବୁ ଟଙ୍କା ଜମା କରାଯାଇଥିବା ଉଲ୍ଲେଖ କରି ମୋହର ଓ ଦସ୍ତଖତ ମାରି ଜମାକାରୀଙ୍କୁ ଦେଇ ଦେଉଥିଲେ । ଜମାଖାତାରେ ହିସାବ ଦେଖି ସବୁ ଠିକ୍ ଠାକ୍ ଥିବା ଜମାକାରୀମାନେ ବିଶ୍ୱାସ କରୁଥିଲେ । ଗତ ଅକ୍ଟୋବର ରେ କେତେକଙ୍କ ଆରଡି ଖାତାର ମିଆଦ ପୂରଣ ହେଉଥିବାରୁ ସେସବୁ ଖାତାକୁ ସେ କୌଶଳକ୍ରମେ ମାଗିଥିଲେ । ଆରଡି,ଏସ୍‌ବି ଓ ସୁକନ୍ୟା ଯୋଜନାର ଜମାକାରୀଙ୍କୁ ପୁରୁଣା ଖାତା ବଦଳରେ ନୂଆ ଖାତା ଦେବା ଆଳରେ ସେମାନଙ୍କୁ ୫ ଶହ ଟଙ୍କା ସହ ଜମାଖାତା ମାଗି ଆଣିଥିଲେ । ପରବର୍ତ୍ତୀ ସମୟରେ ଜମାକାରୀମାନେ ଅର୍ଥ ଉଠାଇବାକୁ ଗଲେ କିମ୍ବା ପାସ୍‌ବୁକ୍ ମାଗିଲେ ବିଭିନ୍ନ କଥା କହି ସେମାନଙ୍କୁ ଫେରାଇ ଦେଉଥିଲେ। ଫେବୃୟାରୀ ୧ରେ ପୋଷ୍ଟ ମାଷ୍ଟର ଜଣକ ଆତ୍ମହତ୍ୟା କରିଦେଇଥିଲେ। ଏନେଇ ଜମାକାରୀଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଥିଲା । ସେମାନେ ଡାକଘରକୁ ଯାଇ ସେମାନଙ୍କ ଆକାଉଣ୍ଟ ନମ୍ବର ଯାଞ୍ଚବେଳେ ଡାକଘରେ ସେମାନଙ୍କ ଖାତାରେ ଟଙ୍କା ଜମା ହୋଇ ନ ଥିବା ଜାଣିବାକୁ ପାଇଥିଲେ। ଏ ନେଇ ମାଝିଗୁଡା ପଞ୍ଚାୟତ ମହୁଲପୁଟ ଗ୍ରାମର କେତେକ ଜମାକାରୀ ଜୟପୁର ଉପଖଣ୍ଡୀୟ ଡାକ ନିରୀକ୍ଷକଙ୍କୁ ଲିଖିତ ଭାବେ ଜଣାଇ ସେମାନଙ୍କ ୨ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଆତ୍ମସାତ ହୋଇଥିବା ସେମାନେ ଅଭିଯୋଗ କରିଥିଲେ। ଏହି ଖବର ଫେବୃୟାରୀ ୧୯ ତାରିଖ ଧରିତ୍ରୀରେ 'ଡାକଘର ଜମାଖାତାରୁ ଟଙ୍କା ହେରଫେର' ଶୀର୍ଷକ ଖବର ପ୍ରକାଶ ପାଇଥିଲା। ଖବରକୁ ନେଇ ଅନେକ ବ୍ୟକ୍ତି ଡାକବିଭାଗକୁ ଟୁଇଟ୍ କରି ଜଣାଇଥିଲେ। ଏହାର ଜବାବରେ ଡାକବିଭାଗ ପକ୍ଷରୁ ସେହି ମାସ ୨୨ରେ ଘଟଣାର ତଦନ୍ତ ଜୟପୁର ଡିଭିଜନ୍ ପକ୍ଷରୁ କରାଯିବ ବୋଲି କୁହାଯାଇଥିଲା। ମାଝିଗୁଡା ଡାକଘର ଦୁର୍ନୀତିକୁ ଅଣଦେଖା କରି ଏଯାଏ ଏହାର ତଦନ୍ତ ହୋଇନାହିଁ। ଏ ସଂକ୍ରାନ୍ତରେ ମହୁଲପୁଟ ଗ୍ରାମର ଜମାକାରୀ ମାର୍ଚ୍ଚ ୨୭ରେ ଜୟପୁରଠାରେ ପୋଷ୍ଟାଲ ସୁପରିଟେଣ୍ଡେଣ୍ଟଙ୍କୁ ଭେଟି ଘଟଣାର ତଦନ୍ତ କରି ନ୍ୟାୟ ଦେବାକୁ ଅନୁରୋଧ କରିଥିଲେ। ଆଗାମୀ ୨ ସପ୍ତାହ ମଧରେ କାର୍ଯ୍ୟାନୁଷ୍ଠାନ ନ ହେଲେ ଡାକଘରେ ତାଲା ପକାଇ ଦେବାକୁ ଚେତାବନୀ ଦେଇଥିଲେ। ଏହା ସତ୍ତ୍ୱେ ଡାକବିଭାଗର ନିଦ ଭାଙ୍ଗିନାହିଁ। ସୋମବାର ମହୁଲପୁଟ ଗ୍ରାମର ଜମାକାରୀମାନେ ବୈପାରିଗୁଡା ସବ୍ ପୋଷ୍ଟ ମାଷ୍ଟରଙ୍କୁ ଭେଟି ଡାକଘର ସମ୍ମୁଖରେ କିଛି ସମୟ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ମଙ୍ଗଳବାର ଠାରୁ ଡାକଘରେ ତାଲା ପକାଇବାକୁ ଚେତାବନୀ ଦେଇ ଫେର ଜମାକାରୀ ଫେରିଛନ୍ତି।




ଡାକଘର ସମ୍ମୁଖରେ ଜମାକାରୀ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ଜିଲାର ୧୭ ହାଇସ୍କୁଲକୁ ସ୍ମାର୍ଟ କ୍ଲାସରେ ପରିଣତ କରାଯିବା ଲକ୍ଷ୍ୟ

**ଭିଡିଓ କନ୍‌ଫରେନ୍ସରେ ୫ଟି ସଚିବଙ୍କ ହାଇସ୍କୁଲ ରୂପାନ୍ତରିତ କାର୍ଯ୍ୟକ୍ରମ**

କୋରାପୁଟ,୧୯।୪(ସ୍ୱ.ପ୍ର.)

୫ଟି ସଚିବ ଭି.କେ. ପାଣ୍ଡିଆନ ଭିଡିଓ କନ୍‌ଫରେନ୍ସରେ ସୋମବାର କୋରାପୁଟ ଜିଲାରେ ହାଇସ୍କୁଲ ରୂପାନ୍ତରିତ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଛନ୍ତି। କୋରାପୁଟ ଜିଲାପାଳଙ୍କ କାର୍ଯ୍ୟାଳୟରେ ଥିବା ମିନି ଭିଡିଓ କନଫରେନ୍ସ ହଲଠାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ଜିଲାର ୧୨ଟି ବ୍ଲକ ଓ ୩ ସହରାଞ୍ଚଳରେ ଥିବା ୧୭ ସରକାରୀ ହାଇସ୍କୁଲକୁ ହାଇସ୍କୁଲକୁ ସ୍ମାର୍ଟ କ୍ଲାସରେ ପରିଣତ କରାଯିବା ଲକ୍ଷ୍ୟ ରଖାଯାଇଥିବା ଜିଲାପାଳ ଅବଦାଲ ମହମ୍ମଦ ଅଖତାର କହିଛନ୍ତି। ଅକ୍ଟୋବୋର ସୁଦ୍ଧା ଏହି ରୂପାନ୍ତରିତ କାର୍ଯ୍ୟକ୍ରମ ଶେଷ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଫଳରେ କୋରାପୁଟ ଜିଲା ଭଳି ଆଦିବାସୀ ବହୁଳ ଅଞ୍ଚଳରେ ଛାତ୍ରୀଛାତ୍ରମାନେ ସ୍ମାର୍ଟକ୍ଲାସ ଦ୍ୱାରା ଅତ୍ୟାଧୁନିକ ଶିକ୍ଷା ଲାଭ କରିପାରିବେ ବୋଲି ଜିଲାପାଳ ପ୍ରକାଶ କରିଛନ୍ତି। ଜିଲାର ୧୭ ସରକାରୀ ଉଚ୍ଚ ବିଦ୍ୟାଳୟରେ ସ୍ମାର୍ଟ ଶ୍ରେଣୀ ଗୃହ, ଲାଇବ୍ରେରୀ, ବିଜ୍ଞାନ ଲାବୋରେଟୋରି ଶୌଚାଳୟ ଆଦିର ବିକାଶ କରାଯିବାକୁ ଲକ୍ଷ୍ୟ ରହିଛି । ସେହିପରି ଏହି ବିଦ୍ୟାଳୟଗୁଡିକରେ ଖାଲିଥିବା ସମସ୍ତ ଶିକ୍ଷକ ପଦବୀ ପୂରଣ ହେବ। ଏଥିସହ ସଙ୍ଗୀତ ଓ ଯୋଗ ଶିକ୍ଷା ବ୍ୟବସ୍ଥା କରାଯିବ। ଆବଶ୍ୟକ ସ୍ଥଳେ ସ୍ମାର୍ଟ କ୍ଲାସରେ ଛାତ୍ରୀଛାତ୍ରଙ୍କୁ ବାହାରର ଅଭିଜ୍ଞ ଶିକ୍ଷକମାନଙ୍କ ଦ୍ୱାରା ଭିଡିଓ କନଫରେନ୍ସ ମାଧ୍ୟମରେ ଶିକ୍ଷାଦାନ କରାଯିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ଏହି ମନୋନୀତ ୧୭ ସରକାରୀ ବିଦ୍ୟାଳୟ ମଧ୍ୟରେ କୋଟପାଡ ଏନଏସି ସରକାରୀ ଉଚ୍ଚ ବିଦ୍ୟାଳୟ, କୋରାପୁଟ ସହରାଞ୍ଚଳ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ସେମିଳିଗୁଡା ବ୍ଲକର ସରକାରୀ ଉଚ୍ଚ ବିଦ୍ୟାଳୟ, ପଟ୍ଟାଙ୍ଗି ସରକାରୀ ଉଚ୍ଚ ବିଦ୍ୟାଳୟ, ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ହାଟଗୁଡା, ସରକାରୀ ଉଚ୍ଚ ବିଦ୍ୟାଳୟ ପାଡୁଆ, ସରକାରୀ ଉଚ୍ଚ ବିଦ୍ୟାଳୟ ନନ୍ଦପୁର, ଲମତାପୁଟ ସରକାରୀ ଉଚ୍ଚ ବିଦ୍ୟାଳୟ, ଦଶମନ୍ତପୁର ବ୍ଲକର ପୋଡାଗଡ ସରକାରୀ ଉଚ୍ଚ ବିଦ୍ୟାଳୟ, ଲକ୍ଷ୍ମୀପୁର ବ୍ଲକର କାକିରିଗୁମ୍ମା ସରକାରୀ ଉଚ୍ଚ ବିଦ୍ୟାଳୟ, ନାରାୟଣପାଟଣା ବ୍ଲକର ସରକାରୀ ଉଚ୍ଚ ବିଦ୍ୟାଳୟ, ବନ୍ଧୁଗାଁ ସରକାରୀ ଉଚ୍ଚ ବିଦ୍ୟାଳୟ, ଆମ୍ବାଗୁଡା ନୋଡାଲ ଉଚ୍ଚ ବିଦ୍ୟାଳୟ, କୁସୁମି ଉଚ୍ଚ ବିଦ୍ୟାଳୟ, କୁନ୍ଦୁରା ବ୍ଲକର ଶ୍ରୀ ଅରବିନ୍ଦ ଶିକ୍ଷା ନିକେତନ, ନାରିଗାଁ ସରକାରୀ ଉଚ୍ଚ ବିଦ୍ୟାଳୟ, କୁସୁମି ସରକାରୀ ନୋଡାଲ ଗାଙ୍ଗାଧର ହାଇସ୍କୁଲ ଆଦି ରହିଛି। ଏନେଇ ସମସ୍ତ ହାଇସ୍କୁଲ ୫ ବର୍ଷ ପାଇଁ ଭିଜନ ଡକ୍ୟୁମେଣ୍ଟ ପ୍ରସ୍ତୁତ କରିଛନ୍ତି। ଚଳିତ ବର୍ଷ ପାଇଁ ରହିଥିବା ଭିଜନ ଡକ୍ୟୁମେଣ୍ଟକୁ ମଧ ସୋମାବର ଭିଡିଓ କନଫରେନ୍ସ ମାଧ୍ୟମରେ ୫ଟି ସଚିବ ଶୁଭାରମ୍ଭ କରଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ପ୍ରବୀର ନାୟକ, ଜିଲା ଶିକ୍ଷା ଅଧିକାରୀ ରାମଚନ୍ଦ୍ର ନାହାକ, କୋରାପୁଟ ପୌର ନିର୍ବାହୀ ଅଧିକାରୀ ଆଲୋକ ରଞ୍ଜନ ସାମନ୍ତରାୟ, କୋରାପୁଟ ବ୍ଲକ ଶିକ୍ଷା ଅଧିକାରୀ ଅର୍ପିତା ପ୍ରଧାନ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀକାନ୍ତ ଜାନି, ସହକାରୀ ଶିକ୍ଷୟିତ୍ରୀ ମିନା କୁମାରୀ ସ୍ୱାଇଁ, ସଙ୍ଗୀତା ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମନୋରମା ରଣା, ଡ. ଲତିକା ମିଶ୍ର, ତପସ୍ୱିନୀ ମହାପାତ୍ର, ଅନୁପମା ନାୟକ, ବର୍ଷାରାଣୀ ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ। କାଯ୍ୟକ୍ରମକୁ ଏପିଡି ହିମାଂଶୁ ଶତପଥୀ ଓ ମନୋଜ ଦାସ ପରିଚାଳନା କରିଥିଲେ । ଏହି ଅବସରରେ ଉପସ୍ଥିତ ବିଡିଓ, ପ୍ରଧାନଶିକ୍ଷକ, ଛାତ୍ରୀଛାତ୍ର, ପରିଚାଳନା କମିଟି ସଭାପତିମାନେ ନିଜ ମତ ରଖିଥିଲେ ।



ଭିଡିଓ କନଫରେନ୍ସ ମାଧ୍ୟମରେ ହୋଇଥିବା କାର୍ଯ୍ୟକ୍ରମରେ ଅଧିକାରୀ, ପ୍ରଧାନଶିକ୍ଷକ, ଛାତ୍ରୀଛାତ୍ର ଓ ପରିଚାଳନା କମିଟି ସଭାପତିମାନେ ଉପସ୍ଥିତ ଅଛନ୍ତି।

